# NATIONAL NEWS BULLETIN (ODIA)

**5 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତାକାଲି ହେବ ଭୋଟ୍‌ଗ୍ରହଣ

– ୧ ହଜାର ୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩ କୋଟି ୭୫ ଲକ୍ଷ ମତଦାତା

- ନୂଆଦିଲ୍ଲୀରେ ଆଜି ଶୁଭାରମ୍ଭ ହେବ ଚତୁର୍ଥ ପର୍ଯ୍ୟାୟ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ

- ଡେମୋକ୍ରାଟିକ୍ ଦଳର ପ୍ରାର୍ଥୀ ଜୋହାରନ୍ ମାମ୍‌ଦାନି ନ୍ୟୁୟର୍କ ସହରର ମେୟର ନିର୍ବାଚିତ

- ଶିଖ୍ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁନାନକ ଦେବଙ୍କ ୫୫୬ତମ ପ୍ରକାଶପର୍ବ ଆଜି ଦେଶବ୍ୟାପୀ ପାଳନ କରାଯାଉଛି

ଏବଂ

- କଟକଠାରେ ଆଜିଠାରୁ ଆରମ୍ଭ ହେଉଛି ଐତିହାସିକ ବାଲିଯାତ୍ରା

## ବିହାର ଇଲେକ୍ସନ

ବିହାର ବିଧାନସଭା ପାଇଁ ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ନିମନ୍ତେ

ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭୋଟ୍ ଗ୍ରହଣ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପାଟନା, ବୈଶାଳୀ, ନାଳନ୍ଦା, ଭୋଜପୁର, ମୁଙ୍ଗେର, ଶରନ୍, ସିୱନ୍, ଗୋପାଳଗଞ୍ଜ, ମୁଜାଫରପୁର ଆଦି ଜିଲ୍ଲାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ଲାଗି ୪୫ ହଜାର ୩୪୧ଟି ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି ।

ଭୋଟ୍ ଗ୍ରହଣ କେନ୍ଦ୍ରରେ ରାଜ୍ୟ ପୋଲିସ୍ ସମେତ କେନ୍ଦ୍ରୀୟ ସଶସ୍ତ୍ର ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯାଇଛି । ନାରୀ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ୯୨୬ଟି ବୁଥ୍‌ରେ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଦିବ୍ୟାଙ୍ଗମାନଙ୍କ ମତଦାନକୁ ସୁଗମ କରିବା ସକାଶେ ୧୦୭ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ଏଥିସହିତ ୩୨୦ଟି ଆଦର୍ଶ ବୁଥ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଭୋଟ୍ ଗ୍ରହଣକୁ ଉତ୍ତମ ପରିଚାଳନା କରିବା ଲାଗି ପାଟନାଠାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି । ଏହି ପର୍ଯ୍ୟାୟରେ ୩ କୋଟି ୭୫ ଲକ୍ଷ ମତଦାତା ୧ ହଜାର ୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏମାନଙ୍କ ମଧ୍ୟରେ ୧୨୨ ଜଣ ମହିଳା ପ୍ରାର୍ଥୀ ଥିବା ଜଣାପଡ଼ିଛି ।

---

## ଭିପି-ଛତିଶଗଡ଼ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଦିନିକିଆ ଛତିଶଗଡ଼ ଗସ୍ତରେ ଅଛନ୍ତି। ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ଏହା ପ୍ରଥମ ଛତିଶଗଡ଼ ଗସ୍ତ। ଏହି ଗସ୍ତ ଅବସରରେ ଛତିଶଗଡ଼ ରାଜ୍ୟ ଗଠନର ୨୫ ବର୍ଷ ପୂର୍ତ୍ତି ପାଳନ ସମାରୋହ ଏବଂ ନବ-ରାଇପୁର ଓ ରାଜନନ୍ଦ ଗାଓଁରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗଦେବେ। ରାଇପୁର ରାଜଭବନରେ ଆଜି

ଉପରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ଶ୍ରୀ ରାଧାକ୍ରିଷ୍ଣନ୍ ନବ-ରାଇପୁର ସ୍ଥିତ ସେନ୍ଧ ହ୍ରଦରେ ଭାରତୀୟ ବାୟୁସେନାର ସୂର୍ଯ୍ୟକିରଣ ଏରୋବାଟିକ୍ ଟିମ୍ ଦ୍ୱାରା ପ୍ରଦର୍ଶିତ ଏୟାର୍ ଶୋ'ରେ ଅଂଶଗ୍ରହଣ କରିଛନ୍ତି ।

## ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍

ନୂଆଦିଲ୍ଲୀରେ ଆଜି କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଚତୁର୍ଥ ପର୍ଯ୍ୟାୟ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନର ଶୁଭାରମ୍ଭ କରିବେ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଚଳିତ ମାସରେ ଏହି ଅଭିଯାନ ଅଧୀନରେ ଦେଶରେ ୨ହଜାର ୫୦୦ ଶିବିର ଆୟୋଜନ କରାଯିବ । ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ମୁହଁ ଚିହ୍ନଟ ଦ୍ୱାରା ପେନ୍‌ସନ୍‌ଭୋଗୀଙ୍କୁ ସରଳ ଉପାୟରେ ଜୀବନ ପ୍ରମାଣପତ୍ର ପ୍ରଦାନର ଲକ୍ଷ୍ୟ ରଖାଯାଇଛି । ପେନ୍‌ସନ୍‌ଭୋଗୀଙ୍କ ପାଇଁ ଡିଜିଟାଲ୍ ସଶକ୍ତିକରଣ କ୍ଷେତ୍ରକୁ ଏହି ଅଭିଯାନ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଓ ଭାରତୀୟ ଏକକ ପରିଚୟ ପ୍ରାଧିକରଣ ଏହି ଅଭିଯାନରେ ବୈଷୟିକ ସହାୟତା ପ୍ରଦାନ କରିବେ ।

## ମାମ୍‌ଦାନୀ-ନିଉୟର୍କ ମେୟର

ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋହରାନ୍ ମାମ୍‌ଦାନୀ ଆଜି ଆମେରିକାର ନିଉୟର୍କ ମେୟର ନିର୍ବାଚନରେ ବିଜୟ ଲାଭ କରିଛନ୍ତି । ସ୍ୱାଧୀନ ପ୍ରାର୍ଥୀ ଆଣ୍ଡ୍ରୀୟ କୁମ୍‌ଙ୍କୁ ସେ ପରାସ୍ତ କରିଛନ୍ତି । ଏହି ବିଜୟ ସହିତ ମାମ୍‌ଦାନୀ ନ୍ୟୁୟର୍କ ସିଟିର ପ୍ରଥମ ମୁସଲମାନ୍ ତଥା ସର୍ବକନିଷ୍ଠ ମେୟର ହେବାର ଗୌରବ ଅର୍ଜନ କରିଛନ୍ତି । ସେ ୨୦୨୬ ଜାନୁୟାରୀ ପହିଲାରେ ନ୍ୟୁୟର୍କ ସିଟିର ମେୟର ଭାବେ ଦାୟିତ୍ୱ ଗ୍ରହଣ କରିବେ ।

ନ୍ୟୁୟର୍କର ମେୟର ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡେମୋକ୍ରାଟିକ୍ ପ୍ରାର୍ଥୀ ମାମଦାନୀଙ୍କୁ ଜଣେ ବାମପନ୍ଥୀ ନେତା ବୋଲି କହିଥିଲେ । ମାମଦାନୀ ନିର୍ବାଚିତ ହେଲେ ସଂଘୀୟ ପାଣ୍ଠି ହ୍ରାସ ପାଇବ  ବୋଲି ରାଷ୍ଟ୍ରପତି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ସତର୍କ କରାଇ ଦେଇଥିଲେ ।

# ପଞ୍ଜାବ–ଗୁରୁପର୍ବ

ଶିଖ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁ ନାନକ ଦେବ ଜୀଙ୍କ ୫୫୬ତମ ପ୍ରକାଶ ପର୍ବ ଆଜି ପାଳନ କରାଯାଉଛି। ୧୪୬୯ ମସିହା କାର୍ତ୍ତିକ ମାସ ପୂର୍ଣ୍ଣମୀ ଦିନ ଶ୍ରୀ ନାନକ ଦେବ ଜୀ' ଲାହୋରର ରାଇ ଭୋଇ କି ତାଲୱଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ। ବର୍ତ୍ତମାନ ଏହା ଲାହୋରର ନାନକାନା ସାହେବ ଭାବେ ପରିଚିତ।

ଏହି ପର୍ବ ପାଳନ ଅବସରରେ ଶ୍ରୀ ହରିମନ୍ଦିର ସାହିବ, ଶ୍ରୀ ଅକଲ ତକତ ସାହିବ ଏବଂ ଗୁରୁଦ୍ୱାରା ବାବା ଅଟଳ ରାଏରେ ଗୁରୁଜୀଙ୍କ ବ୍ୟବହୃତ ପବିତ୍ର ସାମଗ୍ରୀ ପ୍ରଦର୍ଶନ କରାଯାଇଛି। ଅମୃତସରର ଶ୍ରୀ ହରିମନ୍ଦିର ସାହିବ ସ୍ୱର୍ଣ୍ଣ ମନ୍ଦିର ତଥା ଅନ୍ୟାନ୍ୟ ଗୁରୁଦ୍ୱାରାଗୁଡ଼ିକୁ ଫୁଲ ଓ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି।

ଗୁରୁ ନାନକ ଜୟନ୍ତୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି  ଏହି ଉତ୍ସବ ଗୁରୁ ନାନକଦେବଙ୍କ ଆଦର୍ଶ ଓ ମୂଲ୍ୟବୋଧରେ ଅନୁପ୍ରାଣିତ ହେବା ଲାଗି ଦିଗ୍‌ଦର୍ଶନ  ଦେଇଆସୁଛି । ରାଷ୍ଟ୍ରପତି ପୁଣି କହିଛନ୍ତି ଯେ ସତ୍ୟ, ନ୍ୟାୟ ଓ ଦୟା ଉପରେ ଜୀବନ ଆଧାରିତ ହେଲେ ସଫଳତା ମିଳିଥାଏ ବୋଲି ଗୁରୁ ନାନକଦେବଙ୍କ ବାର୍ତ୍ତା ଆମକୁ ଶିକ୍ଷାଦେଇଥାଏ ।

# ବାଲିଯାତ୍ରା

ପ୍ରାଚୀନ ସମୃଦ୍ଧ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟବ୍ୟାପୀ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି ।

କଟକଠାରେ ଆଜିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି । ୮ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ବାଲିଯାତ୍ରାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍ କୃଷ୍ଣମୂର୍ତ୍ତି ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେବେ ।

ଐତିହାସିକ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ବାଲିଯାତ୍ରା' ଓଡ଼ିଶାର ସ୍ୱର୍ଣ୍ଣିମ ସାମୁଦ୍ରିକ ବାଣିଜ୍ୟିକ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଗୌରବମୟ ଅତୀତକୁ ମନେପକାଇ ଦେଶ ଗଠନ ଲାଗି ସମସ୍ତେ ଐକ୍ୟବଦ୍ଧ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

---

# ଦେବ୍‌-ଦୀପାବଳି

ଉତ୍ତରପ୍ରଦେଶର ବାରାଣସୀଠାରେ ଗଙ୍ଗାନଦୀ କୂଳରେ ଆଜି ଆଲୋକର ପର୍ବ ଦେବଦୀପାବଳି ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ଏହି ପବିତ୍ର ଦିନରେ ଦେବତାମାନେ ଧରାବତରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । କାର୍ତ୍ତିକ ପୂର୍ଣ୍ଣିମା ପ୍ରାତଃ ସମୟରୁ ଏହି ପର୍ବ ଆରମ୍ଭ ହୋଇଥାଏ । ଶ୍ରଦ୍ଧାଳୁମାନେ ଆତ୍ମଶୁଦ୍ଧି ନିମନ୍ତେ ପବିତ୍ର

ଗଙ୍ଗାନଦୀରେ ସ୍ନାନ କରୁଛନ୍ତି । ବ୍ରତଧାରୀମାନେ ଘର, ମନ୍ଦିର ଓ ଜଳଘାଟରେ ମାଟିଦୀପ ଜାଳି ଦେବତାମାନଙ୍କୁ ପୂଜାର୍ଚ୍ଚନା କରୁଛନ୍ତି । ସନ୍ଧ୍ୟାରେ ଗଙ୍ଗା ଆରତୀ ଅନୁଷ୍ଠିତ ହେବ ।

ଦେବଦୀପାବଳି ଓ କାର୍ତ୍ତିକପୂର୍ଣ୍ଣିମା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଏଭଳି ପବିତ୍ର ଉତ୍ସବ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ଯୋଡ଼ିବାରେ ସହାୟକ ହେବା ସହ ପ୍ରତ୍ୟେକଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଥାଏ ।

## ଗ୍ରୀନ୍ ହାଇଡ୍ରୋଜେନ୍

ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୧୧ ଓ ୧୨ ଦୁଇଦିନ ଧରି ନୂଆଦିଲ୍ଲୀଠାରେ ସବୁଜ ଉଦ୍‌ଯାନ ସଂକ୍ରାନ୍ତ ଅନ୍ତର୍ଜାତୀୟ ସମ୍ମିଳନୀ ୨୦୨୫ର ଆୟୋଜନ କରାଯାଇଛି । ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ସବୁଜ ଉଦ୍‌ଯାନ ଉତ୍ପାଦନ, ଭିତ୍ତିଭୂମିର ଉନ୍ନତି, ଚାହିଦା ବୃଦ୍ଧି ସହ ବୈଶ୍ୱିକ ସହଭାଗିତାକୁ ପ୍ରୋତ୍ସାହନ କରିବା । ସମ୍ମିଳନୀରେ ନୂତନ ଓ ନବୀକରଣ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ପେଟ୍ରୋଲିୟମ  ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ , ଭୂ-ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ଅନ୍ତର୍ଜାତୀୟ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏ ସଂକ୍ରାନ୍ତରେ ନୂତନ ଓ ନବୀକରଣ ଉତ୍ସ ସଚିବ ସନ୍ତୋଷ ଷଡ଼ଙ୍ଗୀ କହିଛନ୍ତି ଯେ, ସବୁଜ ଉଦ୍‌ଯାନ ଦେଶରେ  ସ୍ୱଚ୍ଛ ଓ ଘରୋଇ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ଫିଲିପାଇନ୍ସ-ଟାଇଫୁନ୍

ଫିଲିପାଇନ୍ସରେ ସଂଘଟିତ ସାମୁଦ୍ରିକ ଝଡ଼ **କାଲ୍‌ମେଗି** ପ୍ରଭାବରେ ୬୬ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ହଜାର ହଜାର ଗୃହ ଧ୍ୱଂସ ପାଇଛି । ଝଡ଼ ଗତକାଲି ସ୍ଥଳଭାଗ ଛୁଇଁବା ପରେ କ୍ରମଶଃ ଦୁର୍ବଳ ହୋଇଯାଇଥିଲେ ସୁଦ୍ଧା ସାମୁଦ୍ରିକ ପବନର ବେଗ ଥିଲା ଘଣ୍ଟା ପ୍ରତି ୧୩୦ କିଲୋମିଟର । ଦେଶର ଜାତୀୟ ଓ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପରିଷଦର ଆକଳନ ଅନୁଯାୟୀ ୪୯ ଜଣ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଛି । ସୂଚନାଯୋଗ୍ୟ ଏହି ଝଡ଼ତୋଫାନ ଯୋଗୁଁ ଭୂସ୍ଖଳନ ଘଟି ଏଭଳି ମୃତାହତ ଘଟଣା ଘଟିଥିବା ଜଣାଯାଇଛି ।

---

# ଓମ୍ ବିର୍ଲା-ଦେଶବନ୍ଧୁ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ନୂଆଦିଲ୍ଲୀର ସମ୍ବିଧାନ ସଦନଠାରେ ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଚିତ୍ତରଂଜନ ଦାସଙ୍କ ଜନ୍ମଶତବାର୍ଷିକୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ବିର୍ଲା ମହାନ୍ ଜନନାୟକଙ୍କର ଦେଶ ଗଠନରେ ଥିବା ଅବଦାନର ସ୍ମୃତିଚାରଣ କରିଛନ୍ତି ।

---